No. of Printed Pages : 28 **BSHF-101**

# Bachelor Degree Programme (BDP)

## Term End Examination, December, 2025

### FOUNDATION COURSE IN HUMANITIES & SOCIAL SCIENCES

*Time : 3 Hours* *Maximum Marks : 100*

ମୁଦ୍ରଣ ପୃଷ୍ଠା ସଂଖ୍ୟା : 28 **BSHF-01**

## ବାଚ୍‌ଲୋର୍ ଡିଗ୍ରୀ ପ୍ରୋଗ୍ରାମ୍ (BDP)

## ଟର୍ମ-ସମାପ୍ତି ପରୀକ୍ଷା ଡିସେମ୍ବର, 2025

## ମାନବିକ ବିଦ୍ୟା ଏବଂ ସାମାଜିକ ବିଜ୍ଞାନରେ ମୂଳଦୁଆ କୋର୍ସ

*ସମୟ* : ***3*** **ଘଣ୍ଟା** *ସର୍ବାଧିକ ମାର୍କ୍* : ***100***

---

### ସାଧାରଣ ନିର୍ଦ୍ଦେଶାବଳୀ

1. ସମସ୍ତ ପ୍ରଶ୍ନଗୁଡ଼ିକ ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ *1* ।
2. ପରୀକ୍ଷାହଲ୍ ଭିତରକୁ ସେଲ୍ ଫୋନ୍, କାଲ୍‌କୁଲେଟର୍, ବୁକ୍, ସ୍ଲାଇଡ୍ ରୁଲ୍‌ସ୍, ନୋଟ୍‌ବୁକ୍ କିମ୍ବା ଲେଖାଥିବା ନୋଟ୍ ଇତ୍ୟାଦି କିଛି ନିଆଯିବାର ଅନୁମତି ନାହିଁ ।
3. ପରୀକ୍ଷା ସ୍ଥଳରେ କେନ୍ଦ୍ରୀୟ ସୁପରିଟେଣ୍ଡେଣ୍ଟଙ୍କ ଏବଂ ନିରିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁସରଣ କରିବା ଉଚିତ୍ । ଯଦି ଆପଣ ନିର୍ଦ୍ଦେଶାବଳୀର ଅବମାନନା କଲେ, ଆପଣଙ୍କୁ ଅଣଯୋଗ୍ୟତାପ୍ରାପ୍ତ କରାଯିବ ।
4. କୌଣସି ପରୀକ୍ଷାର୍ଥୀ ପରୀକ୍ଷାରେ କପି କରିବା, କପି ନେବା କିମ୍ବା ଗ୍ରହଣ କରିବାରେ ସହାୟତା କରିବାରେ ଦେଖାଦେଲେ ତାଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ।

5. ପ୍ରଶ୍ନ ପତ୍ର ଏବଂ OMR ଉତ୍ତର ସିଟ୍ (ଉତ୍ତର ପତ୍ରିକା) ଆପଣଙ୍କୁ ନିରିକ୍ଷକଙ୍କ ଦ୍ୱାରା ଦିଆଯିବ । ପରୀକ୍ଷା ଶେଷ ହେବା କ୍ଷଣି, ପରୀକ୍ଷା ହଲ୍ ଛାଡିବା ପୂର୍ବରୁ ଆପଣ OMR ଉତ୍ତର ସିଟ୍‌କୁ ନିରିକ୍ଷକଙ୍କୁ ପ୍ରଦାନ କରିବେ । OMR ଉତ୍ତର ସିଟ୍ ପ୍ରଦାନ କରି ନଥିବା କୌଣସି ପରୀକ୍ଷାର୍ଥୀଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ଏବଂ ୟୁନିଭରସିଟି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ।

6. ସମସ୍ତ ରଫ୍ କାର୍ଯ୍ୟ ପ୍ରଶ୍ନ ପତ୍ର ଉପରେ ହିଁ କରାଯିବ ଏବଂ ଅନ୍ୟ କୌଣସି କାଗଜ ଉପରେ ନୁହେଁ । ସ୍କ୍ରାପ୍ ପେପର୍ ନେବାର ଅନୁମତି ନାହିଁ ।ଉତ୍ତର ବାହାର କରିବା ପାଇଁ ଆପଣ ମାର୍ଜିନ୍‌ରେ କାର୍ଯ୍ୟ କରିପାରିବେ, କିଛି ଚିହ୍ନ ହେଇ କିମ୍ବା ତଳେ ଗାର ଦେଇ ଟେଷ୍ଟ ବୁକ୍‌ଲେଟ୍‌ରେ କରିପାରନ୍ତି ।

7. ଯେ କୌଣସି ପରୀକ୍ଷାର୍ଥୀ କୌଣସି ପ୍ରକାର ତୃଟିପୂର୍ଣ୍ଣ କାର୍ଯ୍ୟକଲେ କିମ୍ବା କୌଣସି ପ୍ରକାର ଭୁଲ୍ ମାଧ୍ୟମର ପ୍ରୟୋଗ କଲେ ସେମାନଙ୍କର ଫଳାଫଳକୁ ରଦ୍ଦ କରିଦେବାର ଅଧିକାର ୟୁନିଭରସିଟି ଉପରେ ଅଧିକାର ସଂରକ୍ଷିତ ଅଛି । ଆଉ ମଧ୍ୟ ୟୁନିଭରସିଟି ସମସ୍ତ ପରୀକ୍ଷାର୍ଥୀଙ୍କ ସ୍କୋର୍ ସମାନ ଭାବରେ ବୈଧତା ଯାଞ୍ଚ କରିବାର ପ୍ରଣାଳୀ ଅବଲମ୍ବନ କରିପାରିବେ । ଯଦି କୌଣସି ପ୍ରକାର ସନ୍ଦେହର ସଂକେତ ଦେଖାଦେଲେ ଆପଣ ପରଫରମାନ୍ସ୍ ଜେନ୍ୟୁଇନ୍ ବୋଲି ମାନି ନିଆଯିବ ନାହିଁ । ୟୁନିଭରସିଟି ଆପଣ ଫଳାଫଳକୁ ବାତିଲ୍ କରିପାରନ୍ତି ।

## OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ କିପରି ସୂଚନା ପୂରଣ କରିବାକୁ ହେବ

## (ପରୀକ୍ଷା ଉତ୍ତର ସିଟ୍)

1. ଆପଣଙ୍କର ପୁରା 9 ଅକ୍ଷର ବିଶିଷ୍ଟ ନାମାଙ୍କନ ନମ୍ବର ଲେଖନ୍ତୁ । OMR ଉତ୍ତର ସିଟ୍ ଆପଣଙ୍କ ଦ୍ୱାରା ଦିଆଯାଇଥିବା ନାମାଙ୍କନ ନମ୍ବରକୁ ସଠିକ୍ ବୋଲି ଧରି ନିଆଯିବ । ଆଉ ଆପଣଙ୍କ ସଠିକ ନାମ, ଠିକଣା ପିନ୍ ସହିତ ଦିଆଯାଇଥିବା ସ୍ଥାନରେ ଲେଖନ୍ତୁ ।ତାରିଖ ସହ ଆପଣ **OMR (ଓଏମ୍ଆର୍)** ଉତ୍ତର ସିଟ୍ ଉପରେ ଦସ୍ତଖତ କରନ୍ତୁ । ସୁନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କ ପରୀକ୍ଷା ହଲ୍ର ନିରିକ୍ଷକ ତାରିକ ସହ ତାଙ୍କ ଦସ୍ତଖତ OMR ଉତ୍ତର ସିଟ୍ ଉପରେ ଦିଆଯାଇଥିବା ସ୍ଥାନରେ ଦେଇଛନ୍ତି ।
2. **OMR (ଓଏମ୍ଆର୍)** ଉତ୍ତର ସିଟ୍ ଉପରେ ଛାତ୍ରଛାତ୍ରୀମାନଙ୍କ ବିବରଣୀ ବ୍ଲୁ/ବ୍ଲାକ୍ ବଲ୍ ପେନ୍ରେ ହିଁ ପୂରଣ କରିବେ । ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ ସହିତ ପ୍ରଶ୍ନର ବିପରିତ ପାଖରେ ଦିଆଯାଇଥିବା ସଠିକ୍ ଉତ୍ତର ହେତୁ ସେଠାରେ ଥିବା ବୃତ୍ତରେ ବ୍ଲାକେନିଙ୍ଗ୍ କରିବା ପାଇଁ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ହିଁ ବ୍ୟବହାର କରିବେ ।
3. ଏହି ସିଟ୍ କୌଣସି ପ୍ରକାର ଗାର ମାରନ୍ତୁ ନାହିଁ ।
4. ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ କଲମ୍ରେ ସଠିକ୍ ସୂଚନା ସାଙ୍ଖିଂକ ଭାବରେ ଲେଖନ୍ତୁ । ତା ସହିତ ଦିଆଯାଇଥିବା ବୃତ୍ତଟି ଗାଢା କଳା ଏବଂ ସଂପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଆବଶ୍ୟକ ।
5. ପ୍ରତ୍ୟେକ ପ୍ରଶ୍ନର ସମ୍ଭାବିତ ଉତ୍ତରଟି ଆପଣ ଚାରୋଟି ସଂଖ୍ୟା (1), (2), (3) ଏବଂ (4) ହିସାବରେ ଲେଖିବେ । ଆପଣ ପ୍ରତି ପ୍ରଶ୍ନ ପାଇଁ କେବଳ ଗୋଟିଏ ମାତ୍ର ଉତ୍ତର ଦେବେ ଯେଉଁଟିକୁ ଆପଣ ସବୁଠାରୁ ସଠିକ୍ ବୋଲି ଭାବିବେ । ସବୁଠାରୁ ଉପଯୁକ୍ତ ଉତ୍ତରଟି ଚୟନ କରନ୍ତୁ । ତାପରେ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ବ୍ୟବହାର କରି ପ୍ରଶ୍ନର ଅନ୍ୟ ପାଖରେ ଥିବା ନମ୍ବର ଉପରେ ସଠିକ୍ ନମ୍ବର ଲେଖି ବୃତ୍ତକୁ ଗାଢା କଳା ରଙ୍ଗ କରିଦିଅନ୍ତୁ । ଯଦି ଆପଣ ତାହାର ଉତ୍ତର ମଧ୍ୟରୁ କେଉଁଟିକୁ ମଧ୍ୟ ପାଇଲେ ନାହିଁ ତେବେ ଆପଣ **'0'** ଲେଖି ବୃତ୍ତଟି ଗାଢା କରି ଦିଅନ୍ତୁ ।
6. ଗୋଟିଏ ପ୍ରଶ୍ନ ପାଇଁ ଏକାଧିକ ଉତ୍ତର ମାନ୍ୟ ହେବ ନାହିଁ । ତେଣୁ ଆପଣ ସବୁଠାରୁ ଉପଯୁକ୍ତ ଥିବା ସଂଖ୍ୟାଟି ଲେଖିବା ପାଇଁ ଚୟନ କରିବା ଉଚିତ୍ ।
7. ଗୋଟିଏ ପ୍ରଶ୍ନ ପାଇଁ ଆପଣ ଅଧକ ସମୟ ଖର୍ଚ୍ଚ କରିବା ଉଚିତ୍ ନୁହେଁ । ଯଦି ଆପଣ କୌଣସି ସ୍ୱତନ୍ତ୍ର ପ୍ରଶ୍ନଟି କଠିନ ବୋଲି ମନେହୁଏ, ତେବେ ସେହିଟିକୁ ଛାଡି ପରବର୍ତ୍ତୀ ପ୍ରତି ଧ୍ୟାନ ଦେବା ଉଚିତ୍ । ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସାରିବା ପରେ ଯଦି ସମୟ ବଳକା ରହେ, ତେବେ ଆପଣ ଉତ୍ତର ଦେଇ ନଥିବା ପ୍ରଶ୍ନଗୁଡିକ ଆଡକୁ ଯାଇପାରନ୍ତି ।
8. ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଙ୍ଗ୍ ନାହିଁ ।

1. ମାନବ ସମାଜର ବିବର୍ତ୍ତନରେ, ସହରାଞ୍ଚଳ ଜନସଂଖ୍ୟା, କୁଶଳୀ କାରିଗର, ବ୍ୟବସାୟୀ, ପୁରୋହିତ ଇତ୍ୟାଦିଙ୍କର ଆବିର୍ଭାବ କେଉଁ ଯୁଗରେ ହୋଇଥିଲା:

(1) ବ୍ରୋଞ୍ଜ ଯୁଗ (2) ନୂତନ ପ୍ରସ୍ତର ଯୁଗ

(3) କାର୍ବନ ଯୁଗ (4) ଚାଲ୍‌କୋଲିଥିକ୍ ଯୁଗ

2. 3000 B.C ପ୍ରାରମ୍ଭରେ ଭାରତୀୟ ଏବଂ ଗ୍ରୀସ୍ ଲୋକମାନେ --------- ଏବଂ ------- ମିଶ୍ରଣ କରି ବ୍ରୋଞ୍ଜ୍ ତିଆରି କରିବାର କୌଶଳ ଜାଣିଥିଲେ ।

(1) ତମ୍ବା; ଟିଣ (2) ତମ୍ବା; ଜିଙ୍କ୍

(3) ତମ୍ବା; ଆଇରନ୍ (4) ଆଲୁମିନିୟମ; ଜିଙ୍କ୍

3. ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ **ସଠିକ** ମନ୍ତବ୍ୟ ଚୟନ କରନ୍ତୁ :

(1) ବାସ୍ତବତା ଏବଂ କାଳ୍ପନିକତା କିମ୍ବା ବିଜ୍ଞାନ ଏବଂ ଉପଯୋଗିତା ମୂଲ୍ୟ ଭିତରେ କୌଣସି ବିଭାଜନତା ନାହିଁ ।

(2) ବିଜ୍ଞାନ ହେଉଛି ଭଗବାନଙ୍କ ଉପହାର ।

(3) ବିଜ୍ଞାନ ଏବଂ ଉପଯୋଗିତା ମୂଲ୍ୟକୁ ଜ୍ଞାନ-ଆହାରୀ ମାନେ ଅଲଗା ଅଲଗା କରି ରଖନ୍ତି ।

(4) ବିଜ୍ଞାନର ଜ୍ଞାନ କଳାକାରୀରେ ସୀମାବଦ୍ଧ ।

4. ନୂତନ ପ୍ରସ୍ତର ଯୁଗ ଦୃଷ୍ଟିକୋଣରୁ ନିମ୍ନଲିଖିତ ମଧ୍ୟରୁ କେଉଁଟି ସତ୍ୟ **ନୁହେଁ** ?

(1) ଦୁଇ-ଚକିଆ ଏବଂ ଚାରି-ଚକିଆ ଗାଡି ବ୍ୟବହାରକୁ ଆସିଲା ।

(2) ତୀକ୍ଷ୍ଣ ପ୍ରସ୍ତର ହତିଆର ବ୍ୟବହାର ହେଲା ।

(3) ସଶ୍ୟ ଚାଷ ଆରମ୍ଭ ହେଲା ।

(4) ମୃତ୍ତିକା ତିଆରି ଜିନିଷ ବ୍ୟବହାର ହେଲା ।

5. ପୁନଃଅଭ୍ୟୁଦୟ ଏବଂ ସଂସ୍କାର ଆନ୍ଦୋଳନର ଫଳାଫଳ ଦୃଷ୍ଟିକୋଣରୁ **ଭୁଲ୍** ଥିବା ମନ୍ତବ୍ୟ ଟି ଚୟନ କରନ୍ତୁ :

(1) ଚର୍ଚ୍ଚ ଏବଂ ସେମିନାରୀ ଜ୍ଞାନ ସୃଷ୍ଟି ଏବଂ ଯୋଗାଯୋଗର କେନ୍ଦ୍ର ହୋଇଥିଲା ।

(2) ସେମିନାରୀ ଗୁଡିକ ଉପରୁ ଚର୍ଚ୍ଚ ତାଙ୍କର ନିୟନ୍ତ୍ରଣ ହରାଇଲେ ଏବଂ ତେଣୁ ଜ୍ଞାନ ସୃଷ୍ଟି ଉପରୁ ମଧ୍ୟ ନିୟନ୍ତ୍ରଣ ହରାଇଲେ ।

(3) ମାନବୀକ, ଯଥାର୍ଥ ଏବଂ ପ୍ରୟୋଗ ସିଦ୍ଧ ଜ୍ଞାନର ଆରମ୍ଭ ହେଲା ।

(4) ଆଧୁନିକ ବିଶ୍ୱବିଦ୍ୟାଳୟ ପଦ୍ଧତି ଆରମ୍ଭ ହେଲା ।

6. ଆଧୁନିକ ଯୁଗର ପ୍ରାରମ୍ଭରେ ------------- ନଗରୀ ଗୁଡିକ ଆନ୍ତର୍ଜାତୀକ ବାଣିଜ୍ୟର ମୁଖ୍ୟ କେନ୍ଦ୍ର ଥିଲା ।

(1) ସ୍ପାନିସ୍ (2) ପର୍ତ୍ତୁଗୀଜ୍

(3) ଫ୍ରେଞ୍ଚ୍ (4) ଇଟାଲିଆନ

7. ପୁନଃଅଭ୍ୟୁଦୟରୁ ଆରମ୍ଭ ହୋଇଥିବା ମାନବବିତ୍ ମାନେ କେଉଁଥିରେ ଆଗ୍ରହୀ ଥିଲେ ।

(1) ପ୍ରସ୍ତର ଯୁଗ ହତିଆର

(2) ମୃତ୍ୟୁ ପରେ ଉତ୍ତମଜୀବନ ପାଇଁ ପ୍ରସ୍ତୁତି

(3) ଚର୍ଚ୍ଚ ଏବଂ ସେମିନାରୀରେ ଯୋଗଦେବା

(4) ଭଗବାନ, ପରୀ କିମ୍ବା ଅସୁର ଅପେକ୍ଷା ବର୍ତ୍ତମାନର ଭୌତିକ ଦୁନିଆଁରେ ଜୀବନ

8. ଆଧୁନିକ ୟୁରୋପ୍‌ରେ ବିଜ୍ଞାନର ବିସ୍ତାର ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ କାରଣ **ନୁହେଁ** :

(1) ପ୍ରୟୋଗସିଦ୍ଧ ଜ୍ଞାନର ବିସ୍ତାର (2) ପ୍ରୟୋଗଶୀଳ ଯଥାର୍ଥତାର ବ୍ୟବହାର

(3) ଯଥାର୍ଥତା (4) ରାଜଧର୍ମ ପ୍ରତି ଆନୁଗତ୍ୟତା

9. ଗୋତିକ୍ ସ୍ଥାପତ୍ୟକଳା ବିଷୟରେ କେଉଁ ମନ୍ତବ୍ୟ ଟି **ଠିକ୍ନୁହେଁ** :

(1) ଏହି ଷ୍ଟାଇଲ୍ 12 ତମ ଏବଂ 13ତମ ଶତାବ୍ଦିରେ ଆରମ୍ଭ ହୋଇଥିଲା ।

(2) ଏହି ଷ୍ଟାଇଲରେ କାଥେଡ୍ରାଲ୍ ରେ ତୀକ୍ଷ୍ଣ ବକ୍ରତା ଏବଂ ବଡ କୁଣ୍ଡଳାକାର ଥିଲା

(3) ପୁନଃଅଭ୍ୟୁଦୟୀ ଲୋକମାନେ ଏହାକୁ ଅସଭ୍ୟତା କିମ୍ବା ପୁରୁଣା ବିଚାର କରୁଥିଲେ ।

(4) କେନ୍ଦ୍ର ସ୍ଥଳରେ ଏକ ଡୋମ୍ ନିର୍ମାଣ ଏହି ଷ୍ଟାଇଲ୍ ର ମୁଖ୍ୟ ବିଶେଷତା ଥିଲା ।

10. ଧର୍ମ ଶାସ୍ତ୍ରକୁ ଫେରିଯିବା ପାଇଁ ---------- ଡାକରା ଦେଇଥିଲେ ଏବଂ ବାଇବେଲ୍ କୁ ଇଂରେଜୀରେ ଭାଷାନ୍ତର କରିବା ପାଇଁ ପ୍ରୋତ୍ସାହନ କରିଥିଲେ ।

(1) ମାର୍ଟିନ୍ ଲୁଥର୍ (2) ସେଣ୍ଟ୍ ଅଗଷ୍ଟାଇନ୍

(3) ଆନାବ୍ୟାପ୍ଟିଷ୍ଟ୍ (4) ଜୋନ୍ ୱାଇକ୍ଲିପ୍

11. ନିକୋଲୋ ମାକିଆଭେଲି ତାଙ୍କର ପ୍ରସିଦ୍ଧ ପୁସ୍ତକ "ଦି ପ୍ରିନ୍ସ୍ " ରେ ଯୁକ୍ତି ବାଢିଥିଲେ ଯେ :

(I) ସ୍ୱୟଂ-ସମ୍ପୂର୍ଣତା ପଦାର୍ଥକୁ କଠିନ ଏବଂ ମଜଭୁତ ସ୍ଥିତିକୁ ଆଣିବା ପାଇଁ ଆବଶ୍ୟକ ।

(II) ଯୁବରାଜ ହେଉଛନ୍ତି ଧରାପୃଷ୍ଠରେ ଭଗବାନଙ୍କ ପ୍ରତିନିଧି ।

(III) ରାଜ୍ୟର କ୍ଷମତା ଏବଂ ସୁରକ୍ଷା ବଜାୟ ରଖିବା ହେଉଛି ଶାସକଙ୍କ ଉତ୍ତରଦାୟିତ୍ୱ ।

(IV) ଶାସକ ତାଙ୍କର କର୍ତ୍ତବ୍ୟ ପାଳନ ପାଇଁ ସମସ୍ତ ମାଧ୍ୟମ ବ୍ୟବହାର କରିପାରିବେ ।

**କୋଡ୍‌ଃ**

(1) (I), (III) ଏବଂ (IV) ହେଉଛି ଠିକ୍ (2) (I), (II) ଏବଂ (III) ହେଉଛି ଠିକ୍

(3) (II) ଏବଂ (IV) ହେଉଛି ଠିକ୍ (4) (I) ଏବଂ (II) ହେଉଛି ଠିକ୍

12. ମାନବ ଶରୀର ଗଠନ ଉପରେ ସଂପୂର୍ଣ୍ଣ ବର୍ଣ୍ଣନା ଦେଉଥିବା ପ୍ରଥମ ପୁସ୍ତକ 16ତମ ଶତାବ୍ଦି ୟୁରୋପ୍‌ରେ ପ୍ରକାଶନ ହୋଇଥିଲା । ଏହା କାହା ଦ୍ୱାରା ଲିଖିତ ହୋଇଥିଲା :

(1) ଭେସାଲିଅସ୍, ବେଲ୍‌ଜିଆନ୍ ବୈଜ୍ଞାନିକ (2) ଚର୍ଭାଣ୍ଟସ୍, ସ୍ପାନିସ୍ ଲେଖକ

(3) ଲିଓନାର୍ଡୋ ଦା ଭିନ୍‌ସି, ଇଟାଲିଆନ୍ କଳାକାର (4) ହାରଭି, ଇଙ୍ଗ୍‌ଲିସ୍ ବୈଜ୍ଞାନିକ

13. ନିମ୍ନଲିଖିତ ମଧ୍ୟରୁ କିଏ ଆଫ୍ରିକାର ପୂର୍ବ ଉପକୂଳ ରେ ପହଞ୍ଚିବା ପାଇଁ କେପ୍ ଅପ୍ ଗୁଡ୍ ହୋପ୍ ଅତିକ୍ରମ କରିଥିଲେ?

(1) ବାର୍ଥୋଲୋମେୟୁ ଦିଆଜ୍ (2) କଲମ୍ବସ୍

(3) ମାଜେଲାନ୍ (4) ଭାସ୍କୋ-ଡା-ଗାମା

14. ଶିଳ୍ପପ୍ରାଧାନ୍ୟ-ପର ସମାଜ କାହା ସହିତ ଜଡିତ:

(1) ସୂଚନା ଏବଂ ଯୋଗାଯୋଗ ପ୍ରଣାଳୀଭୁକ୍ତ କରିବା

(2) ପ୍ରକୃତି ସହିତ ସୁସମ୍ପର୍କ

(3) ପ୍ରବଧିବିଜ୍ଞାନ ବିରୁଦ୍ଧରେ ଆନ୍ଦୋଳନ

(4) ଖଣି-ଉତ୍ତୋଳନ ଏବଂ ନିର୍ମାଣ କାର୍ଯ୍ୟକଳାପ

15. ନିମ୍ନଲିଖିତ ମଧ୍ୟରୁ କିଏ ଶିଳ୍ପପ୍ରାଧାନ୍ୟ-ପର ସମାଜର ବିଶ୍ଳେଷଣ ସହିତ ଜଡିତ ?

(1) ଦାନିଏଲ୍ ବେଲ୍ (2) ଆନ୍ତୋନିଓ ଗ୍ରାମସି

(3) ଏଡ୍‌ୱାର୍ଡ୍ ବର୍ଣ୍ଣଷ୍ଟେନ୍ (4) ଭ୍ଲାଡିମିର୍ ଲେନିନ୍

16. ନିମ୍ନଲିଖିତ ମଧ୍ୟରୁ କେଉଁଟି ଉପନିବେଶ-ପୂର୍ବ ଭାରତୀୟ ଅର୍ଥବ୍ୟବସ୍ଥା ର ଏକ ବିଶେଷତା **ନ ଥିଲା** :

(1) ବିସ୍ତାରିତ ରେଳପଥ (2) ଆତ୍ମ-ନିର୍ଭରଶୀଳ କୃଷି

(3) କ୍ରମ ବୃଦ୍ଧିଶୀଳ ବାଣିଜ୍ୟ (4) ଉଚ୍ଚ-ହସ୍ତକଳା ଶୀଳ୍ପ

17. ପଶ୍ଚିମବଙ୍ଗ, ବିହାର ଏବଂ ଓଡିଶା ଉପରେ ଇଷ୍ଟ୍ ଇଣ୍ଡିଆନ୍ କଂପାନୀ ଦିୱାନି କିମ୍ବା ସାଧାରଣ ପ୍ରଶାସନ ଅଧିକାର କେବେ ପ୍ରାପ୍ତ କରିଥିଲେ :

(1) 18ତମ ଶତାବ୍ଦୀର ଶେଷ ଅଧା ସମୟରେ (2) 19 ତମ ଶତାବ୍ଦୀର ପ୍ରାରମ୍ଭରେ

(3) 16 ତମ ଶତାବ୍ଦୀର ଶେଷ ଅଧା ସମୟରେ (4) 17 ତମ ଶତାବ୍ଦୀର ମଧ୍ୟ ଭାଗରେ

18. ବ୍ରିଟେନରେ ଶିଳ୍ପ ବିପ୍ଳବର ଆରମ୍ଭରେ କଣ ଘଟିଥିଲା:

(1) ବ୍ରିଟିଶ୍ ଜିନିଷ ପତ୍ର ପାଇଁ ଭାରତ ଏକ ବଜାର ସୃଷ୍ଟି କରିଥିଲା ।

(2) ଭାରତ ରୁ ବ୍ରିଟିଶ ଅଧିକ ରୁ ଅଧିକ ଆମଦାନୀ କରୁଥିଲା ।

(3) ଭାରତୀୟ ଶିଳ୍ପରେ ନୂତନ ପ୍ରବଧି ବିଜ୍ଞାନ ପ୍ରଚଳନ ହୋଇଥିଲା ।

(4) ବ୍ରିଟେନ ପାଇଁ ମୁଖ୍ୟ ଭାବରେ ଭାରତ କୃଷିଜାତ ଦ୍ରବ୍ୟ ଯୋଗାଣ କରୁଥିଲା ।

19. 18ତମ ଶତାବ୍ଦୀର ଶେଷ ଭାଗରେ ସ୍ଥାୟୀ ବନ୍ଦୋବସ୍ତ ବ୍ୟବସ୍ଥାର ଭୂ-ରାଜସ୍ୱ ଅନ୍ତର୍ଗତ:

(1) ଜମିଦାରମାନେ ଶାସକ ଏବଂ କୃଷକଙ୍କ ମଧ୍ୟରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରୁଥିଲେ ।

(2) ଭୂ-ରାଜସ୍ୱ ସମୟ ସମୟରେ ସଂଶୋଧନ କରାହେଉଥିଲା ।

(3) ଚାଷୀମାନେ ଉପନିବେଶୀ ଶାସକଙ୍କ ସହିତ ସିଧାସଳଖ ଭାବରେ ଯୋଡି ହେଉଥିଲେ ।

(4) ଏକ ନିର୍ଦ୍ଦିଷ୍ଟ ରାଜସ୍ୱ ପରିମାଣ ପାଇଁ ଚାଷୀମାନଙ୍କୁ ଜମି ସ୍ଥାନାନ୍ତର କରାହେଉଥିଲା ।

20. ଭାରତରେ କେବେ ପୁଞ୍ଜିବାଦୀମାନେ ଆବିର୍ଭାବ ହୋଇଥିଲେ:

(1) ବଙ୍ଗ ଏବଂ ଓଡିଶା ଉପରେ କମ୍ପାନୀ ଦିୱାନି ଅଧିକାର ପ୍ରାପ୍ତ କଲା ପରେ

(2) ବ୍ରିଟିଶ୍ କ୍ରାଉନ୍ ର ପ୍ରତ୍ୟକ୍ଷ ଶାସନରେ ଭାରତ ଆସି ସାରିଲା ପରେ

(3) ପଞ୍ଚ ବର୍ଷୀୟ ଯୋଜନା ଆରମ୍ଭ ହେବା ପରେ

(4) ପ୍ରଥମ ବିଶ୍ୱ ଯୁଦ୍ଧ ଦ୍ୱାରା ଆନ୍ତର୍ଜାତୀକ ବାଣିଜ୍ୟରେ ବାଧା ସୃଷ୍ଟି ହେଲା ପରେ

21. ଏସ୍ ଏନ୍ ବାନାର୍ଜୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଇଣ୍ଡିଆନ୍ ଆସୋସିଏସନ ହେଉଛି ପ୍ରଥମ ରାଜନୈତିକ ଆସୋସିଏସନ ଯେ କି:

(1) ଜମିଦାର ଏବଂ କୃଷିଜୀବୀ ମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ

(2) ବ୍ରିଟିଶ ନାଗରିକତା ପାଇଁ ଦରଖାସ୍ତ କରୁଥିବା ଭାରତୀୟ ଲୋକମାନଙ୍କ ମଙ୍ଗଳ ପାଇଁ

(3) ଇଂରାଜୀ ଭାଷା ଶିକ୍ଷା କରିଥିବା ଭାରତୀୟଙ୍କ ସ୍ୱାର୍ଥରକ୍ଷା ପାଇଁ

(4) ଭାରତୀୟଙ୍କ ପାଇଁ ହାନୀକାରକ ହେଉଥିବା ସରକାରୀ ନୀତି ବିରୁଦ୍ଧରେ ଲୋକ୍ମାନଙ୍କୁ ଏକତ୍ରିତ କରି ଆନ୍ଦୋଳନ କରିବା ପାଇଁ

22. ନିମ୍ନଲିଖିତ ମଧ୍ୟରୁ କିଏ କହିଥିଲେ "ସ୍ୱରାଜ ହେଉଛି ମୋର ଜନ୍ମଗତ ଅଧିକାର ଏବଂ ମୁଁ ଏହା ପ୍ରାପ୍ତ କରିବି "?

(1) ଲାଲା ଲାଜପତ୍ ରାଏ

(2) ଅରବିନ୍ଦୋ ଘୋଷ

(3) ବିପିନ ଚନ୍ଦ୍ର ପାଲ୍

(4) ବାଲ୍ ଗଙ୍ଗଧର ତିଲକ୍

23. ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହେବାରେ ସବୁଠାରୁ ନିକଟ-ଅତୀତ କାରଣ କଣ:

(1) 1929ରେ ପୁର୍ଣ୍ଣ ସ୍ୱରାଜ ପାଇଁ ନିଷ୍ପତ୍ତି

(2) 1919 ରେ ରାଓଲଟ୍ ଆକ୍ଟ୍ ପାସ୍ ହେବା

(3) ଇଣ୍ଡିଆନ୍ ଲିଗ୍ ସଦସ୍ୟଙ୍କୁ ଗିରଫ କରିବା

(4) 1905ରେ ବଙ୍ଗ ବିଭାଜନ.

24. ମିତ୍ରମେଳା ଏବଂ ଅଭିନବ ଭାରତ କାହା ସହିତ ଜଡିତ ?

(1) ଏସ୍ ଏନ୍ ବାନାର୍ଜୀ ଏବଂ ଆନନ୍ଦ୍ ମୋହନ୍ ବୋଷ୍

(2) ରାମ୍ ପ୍ରସାଦ୍ ବିସ୍ମିଲ୍ ଏବଂ ଆଜାଦ୍

(3) ଖୁଦିରାମ୍ ବୋଷ୍ ଏବଂ ପ୍ରଫୁଲ୍ଲ ଚାକି

(4) ଭିଡି ସଭରକର୍ ଏବଂ ଗଣେଶ୍ ସଭରକର୍

25. ସର୍ବ ଭାରତୀୟ ବାଣିଜ୍ୟ ସଂଘ କଂଗ୍ରେସ୍ 1920 ରେ ସ୍ଥାପନ ହୋଇଥିଲା । ଏହାର ପ୍ରଥମ ସଭାପତି କିଏ ଥିଲେ :

(1) ଭି.ଡି ସଭରକର୍ (2) ଚିତ୍ତରଞ୍ଜନ ଦାସ୍

(3) ସୁଭାସଚନ୍ଦ୍ର ବୋଷ୍ (4) ଲାଲା ଲାଜପତ୍ ରାଏ

26. ଆର୍ଥିକ ବିକାଶର ............... ହେଉଛି ଏକ ଆବଶ୍ୟକୀୟ ଉପାଦାନ ନୁହେଁ ।

(1) ଆର୍ଥିକ ବିକାଶ

(2) ଶିକ୍ଷିତ ଏବଂ ସ୍ୱାସ୍ଥ୍ୟବାନ ଲୋକ ସଂଖ୍ୟା

(3) ସମାଜର ବିଭିନ୍ନ ବର୍ଗଙ୍କ ମଧ୍ୟରେ ନ୍ୟୁନ ସମାନତା ସ୍ତର

(4) ଉପଭୋକ୍ତା ଦ୍ରବ୍ୟ ଗୁଡିକର ପର୍ଯ୍ୟାପ୍ତ ଯୋଗାଣ

27. ଉଚ୍ଚ ସ୍ତରୀୟ ଆର୍ଥିକ ବିକାଶ ସହିତ କେଉଁ ଲୋକସଂଖ୍ୟା ଗଠନ ଜଡିତ :

(1) ନ୍ୟୁନ ଜନ୍ମହାର ଏବଂ ନ୍ୟୁନ ମୃତ୍ୟୁ ହାର (2) ଉଚ୍ଚ ଜନ୍ମହାର ଏବଂ ଉଚ୍ଚ ମୃତ୍ୟୁ ହାର

(3) ନ୍ୟୁନ ଜନ୍ମହାର ଏବଂ ଉଚ୍ଚ ମୃତ୍ୟୁ ହାର (4) ଉଚ୍ଚ ଜନ୍ମହାର ଏବଂ ନ୍ୟୁନ ମୃତ୍ୟୁ ହାର

28. ବ୍ୟାଙ୍କିଙ୍ଗ ଏବଂ ଇନ୍ସ୍ୟୁରାନ୍ସ୍ ହେଉଛି ............ ପ୍ରକାରର ଆର୍ଥିକ କାର୍ଯ୍ୟକଳାପ ।

(1) ପ୍ରାଥମିକ (2) ମାଧ୍ୟମିକ

(3) ବାଣିଜ୍ୟକ (4) ଆନୁସଙ୍ଗିକ

29. ଭାରତରେ ପ୍ରାୟ 50 ପ୍ରତିଶତ ଲୋକ କୃଷି ଏବଂ ତା ସହିତ ଜଡିତଥିବା କାର୍ଯ୍ୟକଳାପ ଉପରେ ରୋଜଗାର ପାଇଁ ନିର୍ଭର କରନ୍ତି । ସେହି ତୁଳନାରେ ଉନ୍ନତ ଅର୍ଥବ୍ୟବସ୍ଥା ଥିବା ଦେଶ ଗୁଡିକରେ :

(1) ମୋଟ ଲୋକସଂଖ୍ୟାର ପ୍ରାୟ 5 ପ୍ରତିଶତ (2) ମୋଟ ଲୋକସଂଖ୍ୟାର ପ୍ରାୟ 25 ପ୍ରତିଶତ

(3) ମୋଟ ଲୋକସଂଖ୍ୟାର ପ୍ରାୟ 30 ପ୍ରତିଶତ (4) ମୋଟ ଲୋକସଂଖ୍ୟାର ପ୍ରାୟ 35 ପ୍ରତିଶତ

30. ଭାରତରେ ରାଜ୍ୟଗୁଡିକ ପାଇଁ --------- ହେଉଛି ମୁଖ୍ୟ ରାଜସ୍ୱ ଉତ୍ସ.

(1) ବିକ୍ରୟ କର (2) କୃଷି କର

(3) କଷ୍ଟମ୍ ଡ୍ୟୁଟିଜ୍ (4) ବ୍ୟକ୍ତିଗତ ଆୟ କର

31. ଅର୍ଥ ଆୟୋଗ ଯାହାକି ପ୍ରତି ପାଞ୍ଚ ବର୍ଷରେ ଥରେ ନିଯୁକ୍ତ କରାଯାଇଥାଏ :

(1) ରାଜ୍ୟଗୁଡିକୁ ଦେବାକୁ ଥିବା ଗ୍ରାଣ୍ଟ୍ ଏବଂ ଲୋନ୍ ପରିମାଣ ନିଶ୍ଚିତ କରେ ।

(2) କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜନ କରାଯାଉଥିବା ଯୋଜନା ଅଂଶୀଦାର କରିବାର ସୂତ୍ର ସୁପାରିଶ କରେ ।

(3) ଅର୍ଥଗତ ସମସ୍ୟା ଉପରେ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ହେଉଥିବା ବିବାଦ ସମାଧାନ କରେ ।

(4) କେନ୍ଦ୍ର ଏବଂ ରାଜ୍ୟ ଏବଂ ବିଭିନ୍ନ ରାଜ୍ୟ ମଧ୍ୟରେ ଟାକ୍ସ/ଫଣ୍ଡ୍ ଅଂଶୀଦାର କରିବାର ମାପକାଠି ସୁପାରିଶ କରେ ।

32. ନିମ୍ନଲିଖିତ ମଧ୍ୟରୁ କିଏ ଯୋଜନା ମାଧ୍ୟମ ଶିଳ୍ପୀକରଣ ର ପୃଷ୍ଠପୋଷକ **ନୁହେଁ** ?

(1) ପି. ସି ମହାଲୋନୋବିସ୍ (2) ସାର୍ ବିଶ୍ୱେଶ୍ୱରାୟା

(3) ସୁଭାଷ୍ଚନ୍ଦ୍ର ବୋଷ୍ (4) ମହାତ୍ମା ଗାନ୍ଧୀ

33. ଦେଶର ଅର୍ଥବ୍ୟବସ୍ଥା ଉଚ୍ଚତମ ସ୍ତରରେ ଥିବାର ଦର୍ଶାଇବା ପାଇଁ ............... ଏକ ଉପାଦାନ **ନୁହେଁ** ।

(1) ଗୁରୁ ଶିଳ୍ପ (2) ସାର୍ବଜନୀନ ସୁବିଧା

(3) ପ୍ରାକୃତିକ ସଂପଦ (4) କୃଷି

34. ଗ୍ରାମାଞ୍ଚଳ ବିକାଶ ପାଇଁ ଗୋଷ୍ଠୀଗତ ବିକାଶ କାର୍ଯ୍ୟକ୍ରମ ଗୁଡିକ କେବେ ଆରମ୍ଭ ହୋଇଥିଲା :

(1) 1980s (2) 2014

(3) 1990s (4) 1950s

35. କେବେଠାରୁ କୃଷିକ୍ଷେତ୍ରରେ ସାର୍ବଜନିନ ନିବେଶ କ୍ରମାଗତ ଭାବରେ କମି କମି ଯାଉଛି :

(1) 1956 (2) 1967

(3) 1970s (4) 1990s

36. ବିଶ୍ୱ ଅର୍ଥ ବ୍ୟବସ୍ଥା ସହିତ ସାମିଲ ହେବା ପାଇଁ ଚୀନ କେଉଁ ସମୟରେ ଆର୍ଥିକ ସୁଧାର ଆରମ୍ଭ କରିଥିଲେ :

(1) Xi ଜିଙ୍ଗ୍‌ପିଙ୍ଗ୍‌ଙ୍କ ନେତୃତ୍ୱରେ (2) 2001ରେ WTO ରେ ଯୋଗ ଦେଲାପରେ

(3) ଶୀତଳ ଯୁଦ୍ଧ ଶେଷ ହେଲା ପରେ (4) 1970 ଶତକର ଶେଷ ଭାଗରେ

37. ନିମ୍ନଲିଖିତ ମଧ୍ୟରୁ କେଉଁଟି ଉଦାରୀକରଣ ପ୍ରକ୍ରିୟାର ଏକ ଉପାଦାନ **ନୁହେଁ** :

(1) ଘରୋଇ ଉଦ୍ୟୋଗ ପାଇଁ ବଡଧରଣର ଭୂମିକା

(2) ଅର୍ଥ ବ୍ୟବସ୍ଥାରେ ଦେଶର ଭୂମିକା କମ୍ କରିବା

(3) ବିଶ୍ୱ ଅର୍ଥ ବ୍ୟବସ୍ଥା ସହିତ ସାମିଲ୍ ହେବା

(4) କେବଳ ଅର୍ଥବ୍ୟବସ୍ଥାର ସ୍ତର ନିୟନ୍ତ୍ରଣ କରିବା ପାଇଁ ଦେଶ ତରଫରୁ ନିୟନ୍ତ୍ରଣ

38. ............... ଏକ ବ୍ୟାଖ୍ୟା କରାଯାଇଥିବା ସାମାଜିକ ସ୍ଥିତିର ସଙ୍କେତ **ନୁହେଁ** ।

(1) ଲିଙ୍ଗ (2) ଧର୍ମ

(3) ପ୍ରଜାତୀକତା (4) ଆୟ

39. ଆଧୁନିକ ଜୀବନରେ ପରସ୍ପର ଠାରୁ ଦୂରୀକରଣ ପ୍ରତି ............... ଆମର ଦୃଷ୍ଟି ଆକର୍ଷଣ କରିଥିଲେ ।

(1) ଫ୍ରାଏଡ୍‌ରିଚ୍ ହେଜେଲ୍ (2) ଚାରଲେସ୍ ଫୋରିଅର୍

(3) ମାକ୍ସ ୱେବର (4) କାଲ୍ ମାର୍କ୍ସ

40. ପ୍ରଭାବଶୀଳ କର୍ତ୍ତୃପକ୍ଷତା ତତ୍ତ୍ୱ କାହା ସହିତ ଜଡିତ :

(1) ହରବର୍ଟ ସ୍ପେନ୍‌ସର୍ (2) କାଲ୍ ମାର୍କ୍ସ

(3) କୋମ୍‌ତେ (4) ମାକ୍ସ ୱେବର

41. ଚାଇଲ୍‌ଡ୍‌ଲାଇନ୍ ହେଉଛି ଏକ ସେବା ଯାହାକି ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ପ୍ରଦାନ କରାଯାଇଥାଏ । ଏହା ଏସବୁ ପ୍ରଦାନ କରିଥାଏ :

(1) ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ପିଲାମାନଙ୍କୁ ସହାୟତା ।

(2) କଂପ୍ୟୁଟର ଏବଂ ମୋବାଇଲ ପ୍ରତି ଅତ୍ୟଧିକ ଆକର୍ଷଣ ଥିବା ପିଲାମାନଙ୍କୁ ସହାୟତା କରିବା ।

(3) ପିଲାମାନଙ୍କ ଖରାପ ଅଭ୍ୟାସ ହଟାଇବା ପାଇଁ ସୁବିଧା ପ୍ରଦାନ ।

(4) ବୋର୍ଡ ପରୀକ୍ଷା ଦେଉଥିବା ପିଲାମାନଙ୍କୁ ସହାୟତା ଦେବା ।

42. ନାବାଳକ ନ୍ୟାୟ ଅଧିନିୟମ 2000 ଅନୁସାରେ ................ ବର୍ଷରୁ କମ୍ ବୟସ ହୋଇଥିବା ପିଲାମାନଙ୍କୁ ନାବଳକ କୁହାଯାଏ ।

(1) 10 (2) 14

(3) 16 (4) 18

43. ଅନୁସୂଚିତ ଜନଜାତି ହେଉଛି ଏକ ଜନଜାତି ଯାହାକି କାହା ଦ୍ୱାରା ସଂପୃକ୍ତ ରାଜ୍ୟର ତାଲିକାରେ ଅନୁସୂଚୀତ କରାଯାଇଛି:

(1) ପ୍ରଧାନମନ୍ତ୍ରୀ (2) କ୍ୟାବିନେଟ୍

(3) ନ୍ୟାୟାଳୟ (4) ଭାରତର ରାଷ୍ଟ୍ରପତି

44. ଅନୁସୂଚିତ ଜନଜାତି ହେଉଛନ୍ତି ଭାରତୀୟ ଲୋକସଂଖ୍ୟାର ............... ପ୍ରତିଶତ ।

(1) 27.0 (2) 21.5

(3) 15.5 (4) 8.6

45. ଅନ୍ୟ ପଛୁଆ ଶ୍ରେଣୀ ଚିହ୍ନଟ କରିବାର ମାପକାଠି ଏବଂ ତାହାର ତାଲିକା ପ୍ରସ୍ତୁତ କରିବା ପାଇଁ ଭାରତ ସରକାରଙ୍କ ତରଫରୁ ବସାଯାଇଥିବା ପ୍ରଥମ ଆୟୋଗ --------- ଥିଲା ।

(1) ଆଣ୍ଡ୍ରୋଲିକର ଆୟୋଗ (2) ସୁବ୍ରମନିଅମ୍ ଆୟୋଗ

(3) ମଣ୍ଡଲ୍ ଆୟୋଗ (4) କାକା କାଲେଲ୍କର ଆୟୋଗ

46. ସ୍ୱାଧୀନ ଲେବର୍ ପାର୍ଟି, ଯେ କି ଜାତି ଭିତ୍ତିକ ଅତ୍ୟାଚାର ବିରୁଦ୍ଧରେ ଲଢୁଥିଲା, କାହା ଦ୍ୱାରା ଗଠନ କରାଯାଇଥିଲା :

(1) ଡକ୍ଟର୍ ବି ଆର୍ ଆମ୍ବେଦକର (2) ଜ୍ୟୋତିବା ଫୁଲେ

(3) ଆନା ଦୁରାଇ (4) ରାମା ବାଇ ଏବଂ ତୁରାବାଇ

47. ସାମାଜିକ ପରିବର୍ତ୍ତନ ର କ୍ରମବିକାଶ ତତ୍ତ୍ୱର କିଏ ପ୍ରୋତ୍ସାହକ ଥିଲେ:

(1) ହରବର୍ଟ ସ୍ପେନ୍ସର (2) ଏ. କ୍ରୋବର୍

(3) କାର୍ଲ ମାର୍କ୍ସ (4) ଜି. ଡବ୍ଲୁ. ଏଫ୍ ହେଜେଲ୍

48. ................ ବିଚାର କରୁଥିଲେ ଯେ ସମାଜ, ମାନବ ଶରୀର ଭଳି, ଅନୁଷ୍ଠାନର ଏକ ସନ୍ତୁଳିତ ପଦ୍ଧତି, ଯାହାର ପ୍ରତ୍ୟେକ ଅଂଶ ସମାଜକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଥାଏ ।

(1) ଗଠନାତ୍ମକ- କାର୍ଯ୍ୟବିତ୍ (2) କ୍ରମବିକାଶ ତତ୍ତ୍ୱବିତ୍

(3) ସମୟଚକ୍ର-କାଳୀନ ତତ୍ତ୍ୱବିତ୍ (4) ମାର୍କ୍ସବାଦୀ

49. ନିମ୍ନଲିଖିତ ମଧ୍ୟରୁ କିଏ କହୁଥିଲେ ଯେ ପରସ୍ପର ବିପରିତ ଚାପ ଏବଂ ବିବାଦ (ପ୍ରସ୍ତାବ-ବିରୋଧୀ) ଯୋଗୁଁ ସାମାଜିକ ରୂପ (ପ୍ରସ୍ତାବ) ସମୟ କ୍ରମେ ଏକ ନୂଆ ସାମାଜିକ ରୂପ (ସାରାଂଶ)ରେ ପରିଣତ ହେବ ?

(1) ମାର୍କ୍ସବାଦୀ (2) ସମୟଚକ୍ର-କାଳୀନ ତତ୍ତ୍ୱବିତ୍

(3) କାର୍ଯ୍ୟବିତ୍ (4) ଗଠନାତ୍ମକ- କାର୍ଯ୍ୟବିତ୍

50. ଶବ୍ଦାବଳୀ 'ସଂସ୍କୃତିଗତ ପଛୁଆପଣ' ସାଧାରଣ ଭାବରେ କଣ ଦର୍ଶାଏ :

(1) ସମାଜରେ ଅସନ୍ତୁଳନତା ସ୍ଥିତି (2) ବିକାଶଶୀଳ ଦେଶ

(3) ସମାଜରେ ଦଳିତ ଗ୍ରୁପ୍ (4) ବାହ୍ୟକାରଣ ଯୋଗୁଁ ଆସିଥିବା ପରିବର୍ତ୍ତନ

51. ସାମାଜିକ ପରିବର୍ତ୍ତନ ଆଣିବାରେ ............... ର କୌଣସି ଅବଦାନ **ନାହିଁ** ।

(1) ପ୍ରବନ୍ଧବିଜ୍ଞାନ (2) ଭୂଗୋଳ

(3) ଜୈବ ବିଜ୍ଞାନ (4) ମନତତ୍ତ୍ୱ ବିଜ୍ଞାନ

52. ସାମାଜର ଭବିଷ୍ୟତ ଅନୁମାନ କରିବା କଷ୍ଟକର କାରଣ ସାମାଜିକ ଜୀବନ ହେଉଛି ଜଟିଳ ଏବଂ ------

(1) ପରିବର୍ତ୍ତନର ଅନେକ କାରଣ ରହିଛି । (2) ପ୍ରାକୃତିକ ଦୁନିଆଁ ପରିବର୍ତ୍ତନଶୀଳ ।

(3) ସାମାଜିକ ଜୀବନ ସମୟଚକ୍ରର ବସିଭୂତ । (4) ଭଗବାନ ଏକ ଅଲୌକିକ ଭାବରେ କାର୍ଯ୍ୟ କରନ୍ତି ।

53. ସବୁଠାରୁ ପୁରାତନ ସାହିତ୍ୟିକ ଭାବ ପ୍ରକାଶ ର ରୂପ କଣ ଥିଲା ।

(1) ଉପନ୍ୟାସ (2) ଛୋଟ ଗଳ୍ପ

(3) ରଚନା (4) ପଦ୍ୟ

54. ଲେଖକ ଏବଂ ତାଙ୍କ ସାହିତ୍ୟିକ କାର୍ଯ୍ୟ ଯୋଡି ରୁ **ଭୁଲ୍** ଥିବା ଯୋଡି ଚୟନ କରନ୍ତୁ :

(1) ମିଲ୍ଟନ୍ — ପାରାଡାଇଜ୍ ଲଷ୍ଟ (2) ଦାନ୍ତେ — ଡିଭାଇନ କମେଡି

(3) ଡାନ୍ ବ୍ରାଉନ — ଓଡିସି (4) ଜେମ୍ସ୍ ଜଏସି — *ୟୁଲିସେସ୍*

55. କୌଣସି ବ୍ୟକ୍ତିଙ୍କ ମୃତ୍ୟୁଜନିତ ଦୁଃଖ ପ୍ରକାଶ ପାଇଁ ଲେଖା ଜାଉଥିବା ପଦ୍ୟ କୁ କଣ କୁହାଯାଏ :

(1) ଇଲେଗି (2) ଓଡି

(3) ସୋନେଟ୍ (4) ସାଟାୟାର୍

56. ନିମ୍ନଲିଖିତ ମଧ୍ୟରୁ କିଏ ଜଣେ କବି **ନୁହନ୍ତି** ?

(1) ଏ. କେ. ରାମାନୁଜନ୍ (2) ଜୟନ୍ତ ମହାପାତ୍ର

(3) କମଳା ଦାସ୍ (4) ଆର୍ କେ ନାରାୟନ୍

57. ରାମଚନ୍ଦ୍ର ଶୁକ୍ଲ, ହରି ପ୍ରସାଦ ଦ୍ୱିବେଦୀ ଏବଂ ନାମଭର୍ ସିଂ ହିନ୍ଦିରେ ଲେଖୁଥିଲେ । ସେମାନେ କେଉଁଥିପାଇଁ ଜଣାଶୁଣା :

(1) ଡ୍ରାମା (2) ପଦ୍ୟ

(3) ୱାନ-ଆକ୍ଟ୍ ପ୍ଲେ (4) ସାହିତିକ ସମାଲୋଚନା

58. **ଭୁଲ** ମନ୍ତବ୍ୟ ଟି ଚୟନ କରନ୍ତୁ:

(1) ଡେକାନ ଅଞ୍ଚଳରେ ପ୍ରାଚୀନ ଐତିହାସିକ ପେଣ୍ଟିଙ୍ଗ୍ ଦେଖା ଦେଇଥିଲା ।

(2) ପ୍ରଥମ ସୋପାନରେ ପ୍ରସ୍ତୁତ ହୋଇଥିବା ଅଜନ୍ତା ଗୁମ୍ଫା ଗୁଡିକ ସାତବାହାନ ଶାସନ କାଳରେ ହୋଇଥିଲା (2ମ ଖ୍ରୀଷ୍ଟପର ଶତାବ୍ଦୀ) ।

(3) ପଶ୍ଚିମ ଭାରତରେ ଅନେକ ଗୁମ୍ଫା ଦେଖା ଦେଇଥାଏ କାରଣ ଏହାର ପ୍ରସ୍ତର ର ଗଠନ ଗୁମ୍ଫା କାଟିବା ପାଇଁ ଅନୂକୁଳ ଅଟେ ।

(4) ଫୁଲ ଏବଂ ପଶୁମାନଙ୍କ ସାଙ୍କେତିକ ଚିତ୍ର ଭାରତୀୟ ପେଣ୍ଟିଙ୍ଗ୍‌ରେ ଦର୍ଶାଯାଏ ନାହିଁ ।

59. ଅଜନ୍ତା ଗୁମ୍ଫାର ପେଣ୍ଟିଙ୍ଗ୍ କଣ ଦର୍ଶାଏ:

(1) ବୁଦ୍ଧଙ୍କ ଜୀବନୀ ଏବଂ ତାଙ୍କ ପୁର୍ବଜନ୍ମ ର ଜୀବନୀ

(2) ଜୈନ ଲିଖନ ଗୁଡିକରୁ ଗଳ୍ପ

(3) ରାମାୟଣ କଥା

(4) ଶିବ ପୁରାଣ କଥା

60. ଚୋଳ ମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା ବ୍ରିହଦେଶ୍ୱର ମନ୍ଦିର କେଉଁଠାରେ ଅବସ୍ଥିତ:

(1) ଟ୍ରାଭେଙ୍କୋର୍ (2) ଚିଦାମ୍ବରମ୍

(3) ସ୍ରିରଙ୍ଗମ୍ (4) ତାଞ୍ଜୋର୍

61. ............... ଜଣେ ଆଧୁନିକ ଭାରତୀୟ ପ୍ରେଣ୍ଟର୍ **ନୁହନ୍ତି** ।

(1) ଖ୍ୱାଜା ଆବ୍ଦସ୍ ସମଦ୍ (2) ଏମ. ଏଫ. ହୁସେନ

(3) ଭି. ଏସ. ଗାଇତୋଣ୍ଡେ (4) ରବିନ୍ଦ୍ରନାଥ୍ ଟାଗୋର୍

62. ରାଜସ୍ଥାନର ଛୋଟ ପ୍ରତିଛବି ପେଣ୍ଟିଙ୍ଗ୍ ରେ ମୁଖ୍ୟ ଭାବଧାରା କଣ ଥାଏ :

(1) କୃଷକମାନଙ୍କ ଦୈନନ୍ଦିନ ଜୀବନ (2) ଶୀକାର ଦୃଶ୍ୟ ଏବଂ କୋର୍ଟର ପ୍ରଭାବଶୀଳତା

(3) ରାମାୟଣ କାହାଣୀ (4) ରାସଲୀଳା ଏବଂ ରାଧା-କୃଷ୍ଣ

63. ମଧ୍ୟ ଭାରତରେ ଥିବା ଖାଜୁରାଓ ମନ୍ଦିର କାହା ଦ୍ୱାରା ନିର୍ମାଣ ହୋଇଥିଲା :

(1) ଚାନ୍ଦେଲା ଶାସକ (2) ପ୍ରର୍ମାରସ୍

(3) ପଲ୍ଲବ (4) ଚାଲୁକ୍ୟ

64. ଯାତ୍ରା, ତମସା ଏବଂ ନଉଟାଙ୍କି ହେଉଛି କଣ :

(1) ଲୋକ-ଥିଏଟର୍ ର ଏକ ରୂପ (2) ପଶ୍ଚିମ ଭାରତରେ ଗ୍ରାମ ମେଳା

(3) ପଶ୍ଚିମ ଭାରତର ଏକ ନୃତ୍ୟରୂପ (4) ଉର୍ଦ୍ଦୁ ଥିଏଟର୍ର ଏକ ରୂପ

65. ରୁକ୍ମଣୀ ଦେବୀ, ବାଲା ସରସ୍ୱତୀ ଏବଂ ମିନାକ୍ଷୀ ସୁନ୍ଦରମ୍ ପିଲାଇ କେଉଁଥିପାଇଁ ଜଣାଶୁଣା:

(1) ଭାରତ୍‌ନାଟ୍ୟମ୍ ନୃତ୍ୟାଙ୍ଗନା (2) ଓଡିଶୀ ନୃତ୍ୟାଙ୍ଗନା

(3) ହିନ୍ଦୁସ୍ଥାନୀ ଭୋକାଲିଷ୍ଟ୍ (4) କର୍ଣ୍ଣାଟିକ୍ ମ୍ୟୁଜିକ ଭୋକାଲିଷ୍ଟ୍

66. ନିମ୍ନଲିଖିତ ମଧ୍ୟରୁ କିଏ ସମାନ୍ତରାଳ କିମ୍ବା କଳାତ୍ମକ ସିନେମା ସହିତ ଜଡିତ:

(I) ଗୋବିନ୍ଦ୍ ନିହାଲାନି (II) ଜି. ପି. ସିପ୍ପି

(III) କେ. ଏ. ଆବାସ୍ (IV) ସଲିମ୍ - ଜାଭେଦ୍

**କୋଡ୍:**

(1) (I) ଏବଂ (III) (2) (II) ଏବଂ (III)

(3) (I) ଏବଂ (II) (4) (I) ଏବଂ (IV)

67. ରାଷ୍ଟ୍ର ନୀତି ର ନିର୍ଦ୍ଦେଶିତ ନିୟମାବଳୀ :

(I) ବଳବତ୍ତର ଯୋଗ୍ୟ ନୁହେଁ

(II) ଆଇରିଶ୍ ସମ୍ବିଧାନରୁ ପ୍ରୋତ୍ସାହିତ

(III) ଭାରତୀୟ ନାଗରିକଙ୍କ ଜୀବନ ଏବଂ ସ୍ୱାଧୀନତାର ମୂଳମନ୍ତ୍ର

(IV) ସରକାରଙ୍କ ପାଇଁ ଏହା ଏକ ପଥପ୍ରଦର୍ଶନ

**କୋଡ୍:**

(1) (I), (II) ଏବଂ (III) ହେଉଛି ଠିକ୍. (2) (I) ଏବଂ (II) ହେଉଛି ଠିକ୍.

(3) (II), (III) ଏବଂ (IV) ହେଉଛି ଠିକ୍. (4) (I), (II) ଏବଂ (IV) ହେଉଛି ଠିକ୍.

68. କାହା ଦ୍ୱାରା ସମ୍ପତ୍ତିଗତ ଅଧିକାରକୁ ଏକ ଆଇନଗତ ଅଧିକାରରେ ପରିଣତ କରାଯାଇଥିଲା:

(1) 36 ତମ ସଂଶୋଧନ (2) 42 ତମ ସଂଶୋଧନ

(3) 44 ତମ ସଂଶୋଧନ (4) 73 ତମ ସଂଶୋଧନ

69. ଭାରତୀୟ ସଂବିଧାନରେ କାହା ଦ୍ୱାରା ମୌଳିକ କର୍ତ୍ତବ୍ୟ ସାମିଲ କରାଯାଇଥିଲା

(1) 36 ତମ ସଂଶୋଧନ (2) 42 ତମ ସଂଶୋଧନ

(3) 44 ତମ ସଂଶୋଧନ (4) 73 ତମ ସଂଶୋଧନ

70. କେଶବାନନ୍ଦ ଭାରତୀ କେସ୍ ରେ, ଯାହାକି ମୌଳିକ ଅଧିକାରର ଯତ୍ନକାରକ କୁହାଯାଏ, ଉଚ୍ଚତମ ନ୍ୟାୟାଳୟ ନିଷ୍ପତ୍ତି ନେଇଥିଲେ ଯେ :

(1) ସଂବିଧାନର ମୌଳିକ ଗଠନ କିମ୍ବା ଢାଞ୍ଚା ଅପରିବର୍ତ୍ତିତ ରଖି ସଂବିଧାନ ସଂଶୋଧନ କରାଯାଇ ପାରିବ ।

(2) କୌଣସି ପରିସ୍ଥିତିରେ ମଧ୍ୟ ମୌଳିକ ଅଧିକାର ଗୁଡିକ ସିମୀତ କରାଯାଇ ପାରିବ ନାହିଁ ।

(3) ମୌଳିକ ଅଧିକାର ଏବଂ ନିର୍ଦ୍ଦେଶିତ ନିୟମାବଳୀ ମଧ୍ୟରେ ବିବାଦ ହେଲେ, ମୌଳିକ ଅଧିକାର ହିଁ ବଳବତ୍ତର ରହିବ ।

(4) ସଂସଦର ଉଭୟ ଗୃହରେ ଦୁଇ-ତୃତୀୟାଂଶ ବହୁମତ ଦ୍ୱାରା ହିଁ ମୌଳିକ ଅଧିକାର ସିମୀତ କରାଯାଇ ପାରିବ ।

71. ନିମ୍ନଲିଖିତ ମଧ୍ୟରୁ ହେଉଁଟି ସାଧାରଣ ସମାଜର ଉପାଦାନ **ନୁହେଁ** :

(1) ପ୍ରେସର୍ ଗ୍ରୁପ୍ (2) ଜନ ଆନ୍ଦୋଳନ

(3) ଅଣ-ସରକାରୀ ସଂଗଠନ (4) ପଞ୍ଚାୟତ ରାଜ ସଂସ୍ଥା

72. ପଞ୍ଚାୟତ ରାଜ ଅଧିନିୟମ, ଯେ କି ସ୍ଥାନୀୟ ସରକାରରେ ତିନି-ସ୍ତରୀୟ ଗଠନ ପ୍ରଦାନ କରିଥିଲା, କେବେ ଔପଚାରିକ ଭାବରେ ପ୍ରସ୍ତୁତ ହୋଇଥିଲା :

(1) 1957 (2) 1976

(3) 1991 (4) 2014

73. ............... ସାମ୍ବିଧାନିକ ସଂଶୋଧନ ପଞ୍ଚାୟତରାଜ ଅନୁଷ୍ଠାନରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂସ ସିଟ୍ ସଂରକ୍ଷଣ ପାଇଁ ଅଧିକାର ଦେଇଥିଲା ।

(1) 11 ତମ ସଂଶୋଧନ (2) 44 ତମ ସଂଶୋଧନ

(3) 73 ତମ ସଂଶୋଧନ (4) 91 ତମ ସଂଶୋଧନ

74. କେଉଁ ଦିନଠାରୁ ଯୌତୁକ ନେବା ଏବଂ ଦେବା ଏକ ଅପରାଧ ଅଟେ :

(1) 1961 (2) 1971

(3) 1989 (4) 2014

75. ସାର୍ବଜନୀନ ପ୍ରଶାସନରେ 'ଲାଇନ୍ ଏଜେନ୍‌ସି' କହିଲେ କଣ ବୁଝାଯାଏ:

(1) ପ୍ରଶାସନର ଏହି ଅଂଶ ଯାହାକି ସାଙ୍ଗଠନିକ ଲକ୍ଷ୍ୟ ହାସଲ କରିବା ପାଇଁ ସିଧାସଳଖ ଭାବରେ କାର୍ଯ୍ୟ କରିଥାଏ ।

(2) ପ୍ରଶାସନର ଏହି ଅଂଶ ଯାହାକି ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଉପଦେଶ, ସହଯୋଗ ଏବଂ ସାହାଯ୍ୟ ଦେଇଥାଏ ।

(3) ସଂଗଠନର ନ୍ୟୁନ ସ୍ତରରେ ଥିବା କର୍ମଚାରୀ ।

(4) ଏକ ବିଭାଗ ଯାହାକି ପ୍ରଶାସନର ସମସ୍ତ ସେକ୍‌ସନ ଗୁଡିକ ମଧ୍ୟରେ ସମନ୍ୱୟ ଆଣେ ।

76. ଭାରତର ରାଷ୍ଟ୍ରପତିଙ୍କ ନିମ୍ନଲିଖିତ ସ୍ୱ-ଇଚ୍ଛା ଅଧିକାର ରହିଛି :

(1) ଅର୍ଡିନାନ୍ସ ଜାରି କରନ୍ତି ଯାହାକି ସଂସଦର ଅଧିନିୟମ ଭଳି କାର୍ଯ୍ୟ କରେ ।

(2) କୌଣସି ଅପରାଧ ପାଇଁ ଦଣ୍ଡପ୍ରାପ୍ତ କରିଥିବା ବ୍ୟକ୍ତିଙ୍କ ଦଣ୍ଡ-କ୍ଷମା କରିପାରିବେ ।

(3) ପ୍ରଧାନମନ୍ତ୍ରୀଙ୍କ ଠାରୁ ସୂଚନା ମାଗିପାରିବେ ।

(4) ଉପରୋକ୍ତ ସମସ୍ତ ମନ୍ତବ୍ୟ ସତ୍ୟ ଅଟେ ।

77. କ୍ୟାବିନେଟ୍ ମିଟିଙ୍ଗ୍ ଏବଂ ତାଙ୍କର କାର୍ଯ୍ୟସୂଚୀ ପ୍ରସ୍ତୁତରେ ପ୍ରଧାନ ମନ୍ତ୍ରୀଙ୍କୁ କିଏ ସାହାଯ୍ୟ କରିଥାନ୍ତି?

(1) ପ୍ରଧାନ ମନ୍ତ୍ରୀଙ୍କ ଅଫିସ୍ (2) କ୍ୟାବିନେଟ୍ ସେକ୍ରେଟାରୀ

(3) କ୍ୟାବିନେଟ୍ ର ବରିଷ୍ଠ ସଦସ୍ୟ (4) ମୁଖ୍ୟ ଅର୍ଥ ପରାମର୍ଶ ଦାତା

78. ନିମ୍ନଲିଖିତକୁ ବିଚାର କରନ୍ତୁ:

ଏକ ମନ୍ତ୍ରାଳୟରେ କେଉଁମାନେ ଥାଆନ୍ତି :

(I) ଏକ ରାଜନୈତିକ ମୁଖ୍ୟ (ମନ୍ତ୍ରୀ) (II) ଏକ କିମ୍ବା ଏକାଧିକ ବିଭାଗ

(III) ଏକ ସଚିବାଳୟ (IV) କେବଳ ଷ୍ଟାଫ୍ ଏଜେନ୍ସି

**କୋଡ୍:**

(1) (I) ଏବଂ (II) ହେଉଛି ଠିକ୍. (2) (II) ଏବଂ (III) ହେଉଛି ଠିକ୍.

(3) (I), (II) ଏବଂ (III) ହେଉଛି ଠିକ୍. (4) (I) ଏବଂ (IV) ହେଉଛି ଠିକ୍.

79. ଭାରତରେ ସାର୍ବଜନୀନ ପ୍ରଶାସନିକ ସଂଗଠନର ................ ହେଉଛି ସବୁଠାରୁ ବୃହତ୍ତମ ଏବଂ ସବୁଠାରୁ ପ୍ରଚଳିତ ରୁପ ।

(1) ପି.ଏମ୍.ଓ (2) ବ୍ୟୁରୋ

(3) ବୋର୍ଡ (4) ବିଭାଗ

80. ଷ୍ଟାଫ୍ ଏଜେନ୍ସି ନିମ୍ନଲିଖିତ କାର୍ଯ୍ୟ କରନ୍ତି:

(I) ଲାଇନ୍ ଏଜେନ୍ସିକୁ ସହାୟତା ଏବଂ ସାହାଯ୍ୟ କରନ୍ତି

(II) ଲାଇନ୍ ଏଜେନ୍ସିକୁ ପରାମର୍ଶ ଦିଅନ୍ତି

(III) ମୁଖ୍ୟ କାର୍ଯ୍ୟ ନିର୍ବାହୀ ଦେଇଥିବା କାର୍ଯ୍ୟ ସଂପାଦନ କରନ୍ତି

(IV) ସଂଗଠନ କରୁଥିବା କାର୍ଯ୍ୟ ପାଇଁ ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରନ୍ତି

**କୋଡ୍:**

(1) (I), (II) ଏବଂ (III) ହେଉଛି ଠିକ୍.
(2) (I), (III) ଏବଂ (IV) ହେଉଛି ଠିକ୍.
(3) କେବଳ (III) ହେଉଛି ଠିକ୍.
(4) କେବଳ (IV) ହେଉଛି ଠିକ୍.

81. ............... ଅନୁସାରେ ସ୍ୱାଧୀନତାର ଅର୍ଥ ନୁହେଁ ଯେ କୌଣସି ଜିନିଷରୁ ସ୍ୱାଧୀନତା, ଏହାର ଅର୍ଥ ହେଉଛି କିଛି କରିବାର ସ୍ୱାଧୀନତା କିମ୍ବା କିଛି ଜିନିଷ ପ୍ରାପ୍ତ ଅକ୍ରିବାର ସ୍ୱାଧୀନତା ।

(1) ମୌଳିକ ଅଧିକାର ଦୃଷ୍ଟିକୋଣ
(2) ବସ୍ତୁ-କେନ୍ଦ୍ରିକ ଦୃଷ୍ଟିକୋଣ
(3) ଦକ୍ଷତା
(4) ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିକୋଣ

82. ଯୁକ୍ତି କରେ ଯେ, ମାନବ ଅଧିକାର ଦୃଷ୍ଟିକୋଣରୁ, ରାଷ୍ଟ୍ରରୁ ଭୂମିକା କେବଳ ପ୍ରତିରକ୍ଷା ରେ ସୀମିତ ନ ହୋଇ ପ୍ରୋତ୍ସାହନ ଆଡକୁ ଅଗ୍ରସର ହେବା ଉଚିତ ।

(1) ମାନବ ବିକାଶ ଦୃଷ୍ଟିକୋଣ
(2) ମୌଳିକ ଆବଶ୍ୟକତା ଦୃଷ୍ଟିକୋଣ
(3) ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିକୋଣ
(4) ବାସ୍ତବତା ଦୃଷ୍ଟିକୋଣ

83. ମାନବ ସୁରକ୍ଷା ତତ୍ତ୍ୱ ପ୍ରଥମେ କିଏ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଥିଲେ:

(1) 1914 ରେ ଆନ୍ତର୍ଜାତୀକ ରେଡ୍ କ୍ରସ୍

(2) 1980s ରେ ଅମାର୍ତ୍ୟ ସେନ୍

(3) UNDP ଦ୍ୱାରା ପ୍ରକାଶନ ହୋଇଥିବା 1994 ବାର୍ଷିକ ମାନବ ବିକାଶ ରିପୋର୍ଟ

(4) ସ୍ୱାମୀ ବିବେକାନନ୍ଦ

84. ମାନବ ବିକାଶ ଦୃଷ୍ଟିକୋଣ ଅନୁସାରେ:

(1) ରାଷ୍ଟ୍ରର ସୁରକ୍ଷା ସବୁଠାରୁ ଅଧିକ ଗୁରୁତ୍ୱପୁର୍ଣ୍ଣ ।

(2) ଲୋକମାନଙ୍କ ସୁରକ୍ଷା ସବୁଠାରୁ ଅଧିକ ଗୁରୁତ୍ୱପୁର୍ଣ୍ଣ ।

(3) ଲୋକମାନଙ୍କ ସୁରକ୍ଷା ଏବଂ ରାଷ୍ଟ୍ରର ସୁରକ୍ଷା ସମାନ ଭାବରେ ଗୁରୁତ୍ୱପୁର୍ଣ୍ଣ ।

(4) ପରିବେଶ ସମସ୍ୟା ସୁରକ୍ଷା ପ୍ରତି ବିପଦ ନୁହେଁ ।

85. "ଯେହେତୁ ବ୍ୟକ୍ତିଙ୍କ ମନରେ ହିଁ ଯୁଦ୍ଧ ଭାବନା ସୃଷ୍ଟି ହୁଏ, ତେଣୁ ଶାନ୍ତି ରକ୍ଷା ବିଷୟ ମଧ୍ୟ ବ୍ୟକ୍ତିଙ୍କ ମନରେ ହିଁ ସୃଷ୍ଟିହେବା ଆବଶ୍ୟକ ।" ଏହି ମନ୍ତବ୍ୟ ଟି କେଉଁଠି ଦେଖାଯାଇ ପାରିବ:

(1) ଭାରତୀୟ ସଂବିଧାନ
(2) ସ୍ୱାମୀ ବିବେକାନନ୍ଦଙ୍କ ଲିଖନ
(3) UNESCO ର ମୂଳଧାରା
(4) UN ଚାର୍ଟର

86. ଆମର ଆବଶ୍ୟକତା ପୁରଣ ପାଇଁ ପ୍ରକୃତିରେ ଯଥେଷ୍ଟ ଅଛି କିନ୍ତୁ ଆମର ଅତ୍ୟନ୍ତ ଲୋଭ ପୁରଣ ପାଇଁ ନୁହେଁ" ଏହା କିଏ କହିଥିଲେ ?

(1) ମାର୍ଟିନ୍ ଲୁଥର୍ କିଙ୍ଗ୍
(2) ଅମର୍ତ୍ୟ ସେନ୍
(3) ମହାତ୍ମା ଗାନ୍ଧୀ
(4) ଶ୍ରୀ ଅରୋବିନ୍ଦୋ

87. ଶୀତଳ ଯୁଦ୍ଧ ଶେଷ ପରେ ............... କହିଲେ ଯେ "ଆମେ ଦେଖୁଛୁ --------- ଅନ୍ତର ଇତିହାସ------ ମାନବସମାଜର ଚିନ୍ତାଧାରାଗତ କ୍ରମବିକାଶର ଅନ୍ତିମ ପଏଣ୍ଟ"

(1) ଏମ୍. ଗୋର୍ବାଚେଭ୍
(2) ଏଚ୍. କିସିଙ୍ଗର୍
(3) ଫ୍ରାନ୍ସିସ୍ ଫୁକୁୟାମା
(4) ସୁନ୍ଦର ପିଚାଇ

88. ITC ର ହାର୍ଡ ୱେୟାର ଏବଂ ସୋଫ୍ଟ ୱେୟାର ରେ ବିରଳ ପରିବର୍ତ୍ତନ ଯୋଗୁଁ :

(1) କୃଷି ଉତ୍ପାଦ ବଢିଲା

(2) ସମାଜରେ ଅଧିକ ସାମାଜିକ ଅନୁକୂଳ ସଂପର୍କ ସୃଷ୍ଟି ହେଲା

(3) ଅଳ୍ପ ସଂଖ୍ୟକ କମ୍ପାନୀଙ୍କ ପାଖରେ ଆର୍ଥିକ କ୍ଷମତା କେନ୍ଦ୍ରିଭୂତ ହେଲା

(4) କଂପ୍ୟୁଟର ଜଡିତ ଆହାତ ଅଧିକ ହେଲା

89. ପରିବେଶର ସୁରକ୍ଷା ଏବଂ ଉନ୍ନତିକରଣ ଭାରତୀୟ ସଂବିଧାନରେ ଏକ ----------- ଅଟେ ।

(1) ମାନବ ଅଧିକାର (2) ମୌଳିକ ଅଧିକାର

(3) ମୋଳିକ କର୍ତ୍ତବ୍ୟ (4) ସାମ୍ବିଧାନିକ ଗ୍ୟାରେଣ୍ଟି

90. 5 ଜୁନ୍ ଦିନଟି ............... ବିଶ୍ୱ ପରିବେଶ ଦିବସ ଭାବରେ ଘୋଷଣା କରିଥିଲେ ।

(1) UNESCO (2) UN ସୁରକ୍ଷା ପରିଷଦ

(3) ଷ୍ଟକହୋମ୍ ଘୋଷଣାପତ୍ର (4) WTO

91. ଏକ ନିର୍ମଳ ପରିବେଶରେ ବାସ କରିବାର ବ୍ୟକ୍ତିଗତ ଅଧିକାର ହେଉଛି ସାର୍ବଜନୀନ ଅଧିକାର, ଏହା କିଏ ଘୋଷଣା କରିଥିଲେ :

(1) 1992 ରେ ମାନବ ଅଧିକାର ଉପରେ UN କମିଶନ୍

(2) 1982 ରେ ମରୁଭୂମୀକରଣ ପ୍ରତିରୋଧ କରିବା ପାଇଁ UN କନ୍‌ଭେନ୍‌ସନ୍

(3) 1972 ରେ ଷ୍ଟକହୋମ୍ ଘୋଷଣାପତ୍ର

(4) ପରିବେଶ ପରିବର୍ତ୍ତନ ଉପରେ UN ଫ୍ରେମ୍‌ୱାର୍କ କନ୍‌ଭେନ୍‌ସନ୍

92. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅନ୍ୟ ପରି ବୁହେଁ :

(1) ମେଡିସିନ୍ ସାନ୍‌ସ୍ ବୋର୍ଡର୍ (2) ଆମ୍‌ନେଷ୍ଟି ଇଣ୍ଟର୍‌ନେସ୍‌ନାଲ

(3) ହେରିଟେଜ୍ ଫାଉଣ୍ଡେସନ (4) ହ୍ୟୁମାନ୍ ରାଇଟ୍‌ସ୍ ୱାଚ୍

93. କ୍ରମ ଅନୁସାରେ ନିମ୍ନଲିଖିତକୁ ରଖନ୍ତୁ:

(I) ମାନବ ପରିବେଶ ଉପରେ ଷ୍ଟକହୋମ୍ କନ୍‌ଫରେନ୍‌ସ୍

(II) ଦୀର୍ଘସ୍ଥାୟୀ ବିକାଶ ଉପରେ ବିଶ୍ୱ ସମ୍ମିଳନୀ

(III) ରାଇଓ ଡି ଜାନେରିଓ ରେ ଆର୍ଥ ସମ୍ମିଳନୀ

**କୋଡ୍:**

(1) (I), (II) ଏବଂ (III) (2) (III), (II) ଏବଂ (I)

(3) (I), (III) ଏବଂ (II) (4) (II), (III) ଏବଂ (I)

94. ବିକାଶ ଯାହାକି ବର୍ତ୍ତମାନର ଆବଶ୍ୟକତା ପୁରଣ କରୁଥିବ କିନ୍ତୁ ଆଗାମୀ ଯୁଗର ଲୋକ ମାନଙ୍କ ଭବିଷ୍ୟତ ଆବଶ୍ୟକତାକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁ ନଥିବ, ତାକୁ କଣ କୁହାଯାଏ :

(1) ମାନବ ବିକାଶ (2) ମାନବ ସୁରକ୍ଷା

(3) ଦୀର୍ଘସ୍ଥାୟୀ ବିକାଶ (4) ଉପଯୁକ୍ତ ବିକାଶ

95. 3000 B.C ର ପତନ ହୋଇ ଯାଇଥିବା ମହେଞ୍ଜୋଦାରୋ ଏବଂ ହରପ୍ପା ସଭ୍ୟତା କେଉଁ ଯୁଗର ଅଟେ:

(1) ନୂତନ ପ୍ରସ୍ତର ଯୁଗ (2) କାର୍ବନ ଯୁଗ

(3) ବ୍ରୋଞ୍ଜ ଯୁଗ (4) ଲୌହ ଯୁଗ

96. ୱାଶିଙ୍ଗ୍‌ଟନ କନ୍‌ସେନ୍‌ସସ୍ ଗୃପ୍ ରେ -------------- ଜଣେ ସଦସ୍ୟ ନୁହନ୍ତି ।

(1) US ପ୍ରଶାସନ (2) ୱାର୍ଲ୍ଡ୍ ବ୍ୟାଙ୍କ

(3) ଆନ୍ତର୍ଜାତୀକ ଅର୍ଥ ପାଣ୍ଠି (4) UN ସୁରକ୍ଷା ପରିଷଦ

97. **ଭୁଲ** ଯୋଡି ଚୟନ କରନ୍ତୁ:

(1) ଥୋମାସ୍ ମାକାଉଲେ –ଶିକ୍ଷା (2) ରବର୍ଟ କ୍ଲାଇଭ୍ –ପଲାସୀ ଯୁଦ୍ଧ

(3) ଲର୍ଡ କର୍ଣ୍ଣୱାଲିସ୍ - ସ୍ଥାୟୀ ବନ୍ଦୋବସ୍ତ (4) ସାର୍ ଥୋମାସ୍ ମୁନ୍‌ରୋ–ପ୍ରିଣ୍ଟ ମିଡିଆ

98. ବିଶ୍ୱ ଯୁଦ୍ଧ I ସମୟରେ :

(1) ଆନି ବେଶାନ୍ତ ଏବଂ ତିଲକ୍ ହୋମ୍ ରୁଲ୍ ଲିଗ୍ ଆରମ୍ଭ କରିଥିଲେ ।

(2) ଘଦର ଆନ୍ଦୋଳନ ଆରମ୍ଭ ହେଲା ।

(3) ମୋହନଦାସ୍ କରମଚାନ୍ଦ୍ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଆସିଥିଲେ ।

(4) ଉପରୋକ୍ତ ସମସ୍ତ ।

99. ଭାରତ ସ୍ୱାଧୀନତା ସମୟରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ଉପନିବେଶୀ ଶାସନର ସନ୍ତକ ନଥିଲା :

(1) ସ୍ଥିର, ବୃଦ୍ଧିହୀନ ଏବଂ ନ୍ୟୁନ ଉତ୍ପାଦକତା ବିଶିଷ୍ଟ କୃଷି

(2) ଅସମାନ ଏବଂ ଅସଂପୁର୍ଣ୍ଣ ଶୀଳ୍ପ ବିକାଶ

(3) ବୈଜ୍ଞାନିକ ଏବଂ ବୈଷୟିକ ମାନବସମ୍ବଳ ର ଯଥେଷ୍ଟ ଯୋଗାଣ

(4) ସ୍ଥିର, ବୃଦ୍ଧିହୀନ ବ୍ୟକ୍ତି ପ୍ରତି ଜାତୀୟ ଆୟ

100. ଶିଳ୍ପକରଣ-ପର ସମାଜରେ ............... ହେଉଛି ଏକ ପ୍ରଭାବଶୀଳ କ୍ଷେତ୍ର ।

(1) କୃଷି କ୍ଷେତ୍ର

(2) ପ୍ରବଧିବିଜ୍ଞାନ-ଆଧାରିତ ଶିଳ୍ପ

(3) ସେବା କ୍ଷେତ୍ର

(4) ଶିଳ୍ପ କ୍ଷେତ୍ର

**SPACE FOR ROUGH WORK**

ରଫ୍ କାର୍ଯ୍ୟ ପାଇଁ ସ୍ଥାନ